**ସଂକ୍ଷେପରେ**

## ଅମଲାପଡ଼ାରୁ ବାଇକ୍ ଚୋରି

ଅନୁଗୋଳ,୧୭।୨(ଅମିତ ସାମଲ)

ଅନୁଗୋଳ ସହରର ଅମଲାପଡ଼ା ଅଞ୍ଚଳରୁ ଏକ ବାଇକ୍ ଚୋରି ହୋଇଥିବା ଅନୁଗୋଳ ଥାନାରେ ଅଭିଯୋଗ ହୋଇଛି। ଲିଙ୍ଗରାଯୋଡ଼ିର ସୁମନ୍ତ ନାୟକଙ୍କ ଅଭିଯୋଗକ୍ରମେ ପୋଲିସ ନଂ. ୧୫୨/୨୪ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

ପୋଲିସ କହିଛି, ସୁମନ୍ତ ତାଙ୍କ ବାଇକ ନଂ.( ଓଡି୧୯–ଏ–୨୯୨୩)କୁ ଅମଲାପଡ଼ା ରାଧାକୃଷ୍ଣ ମନ୍ଦିର ନିକଟରେ ଗତ ବୁଧବାର ରଖିଥିଲେ। ସେ ତାଙ୍କ କାର୍ଯ୍ୟ ସାରି ଆସି ଦେଖିବାବେଳକୁ ବାଇକ ସେଠାରୁ ଗାଏବ ହୋଇଯାଇଥିଲା। ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ନ ପାଇବାରୁ ଶେଷରେ ଅନୁଗୋଳ ଥାନାର ଦ୍ୱାରସ୍ଥ ହୋଇଥିଲେ।

# ଲୁଟେରାଙ୍କ ଟାର୍ଗେଟରେ ମେଡିସିନ ବ୍ୟବସାୟୀ

- ଜାତୀୟ ରାଜପଥରେ ବଢ଼ି ଚାଲିଛି ଲୁଟ୍
- ସିସିଟିଭିରେ କଏଦ ଲୁଟେରାଙ୍କ ଚିତ୍ର
- ଲୁଟେରାଙ୍କୁ ଧରିବାରେ ପୋଲିସ ବିଫଳ
- ପାଟ୍ରୋଲିଂ କରିବାକୁ ଦାବି

ବଇଣ୍ଡା,୧୭।୨(ପରିକ୍ଷିତ ସାହୁ)


ସିସିଟିଭିରେ କଏଦ ହୋଇଥିବା ଲୁଟେରାଙ୍କ ଚିତ୍ର।

ଅନୁଗୋଳ ଜିଲା ୫୫ ନମ୍ବର ଜାତୀୟ ରାଜପଥର ହଣ୍ଡପା, ଜରପଡା, କିଶୋରନଗର ଥାନା ଇଲାକାରେ କିଛିଦିନ ହେବ ଚୋରି ବଢ଼ିବାରେ ଲାଗିଛି। ବିଶେଷ କରି ମେଡିସିନ ବ୍ୟବସାୟୀଙ୍କୁ ଲୁଟେରାମାନେ ଟାର୍ଗେଟ କରୁଥିବାବେଳେ ଏବେ ଜାତୀୟ ରାଜପଥରେ ଯାତାୟାତ ସମ୍ପୂର୍ଣ୍ଣ ଅସୁରକ୍ଷିତ ହୋଇ ପଡିଛି। କିଛିମାସ ହେବ ଲକ୍ଷ ଲକ୍ଷ ଟଙ୍କା ମେଡିସିନ ବ୍ୟବସାୟୀଙ୍କଠାରୁ ଲୁଟ କରାଯାଇଥିଲେ ମଧ୍ୟ ପୋଲିସ ଲୁଟେରାଙ୍କ କୌଣସି ସନ୍ଧାନ ପାଇ ପାରୁନାହିଁ। ବିଶେଷ କରି ଗୋଟିଏ ପରେ ଗୋଟିଏ ଲୁଟ କରାଯାଉଥିବାବେଳେ ଗୁରୁବାର ଅପରାହ୍ନରେ ଜାମୁନାଳୀରୁ କିଛି ଦୂରରେ ଏକ ମେଡିସିନ ବ୍ୟବସାୟୀଙ୍କୁ ୨ ଜଣ ଲୁଟେରା ବନ୍ଧୁକ ଦେଖାଇ ୯୦ ହଜାର ଲୁଟି ନେଇଥିବାବେଳେ ବ୍ୟବସାୟୀଙ୍କୁ ପିଛା କରୁଥିବା ଲୁଟେରାଙ୍କ ଚିତ୍ର ସିସିଟିଭିରେ ଫୁଟେଜ କଏଦ ହୋଇଛି। ଶୁକ୍ରବାର ଜରପଡା ଥାନାର ଏକ ଟିମ ବଇଣ୍ଡା ଅଞ୍ଚଳକୁ ଆସି ତଦନ୍ତ କରିଛନ୍ତି। ଯେଉଁ ଦୋକାନରୁ ବ୍ୟବସାୟୀ ଜଣଙ୍କ ଟଙ୍କା ନେଇଥିଲେ ସେହି ସମୟରେ ଉକ୍ତ ୨ ଜଣ ଲୁଟେରା ଉକ୍ତ ମେଡିସିନ ଦୋକାନ ସମ୍ମୁଖରେ ଠିଆ ହୋଇ ମେଡିସିନ ବ୍ୟବସାୟୀଙ୍କୁ ପିଛା କରିଥିଲେ। ଉଭୟ ଲୁଟେରା ଏକ ବାଇକ ଯୋଗେ ୨ଟି ହେଲମେଟ୍ ପିନ୍ଧି ପିଛା କରିବା ସହ ଜାମୁନାଳୀ ନିଛାଟିଆ ସ୍ଥାନରେ ସେମାନଙ୍କୁ ଅଟକାଇ ବନ୍ଧୁକ ଦେଖାଇ ୯୦ ହଜାର ଟଙ୍କା ଲୁଟି ନେଇଥିବା ଜରପଡା ଥାନାରେ ଅଭିଯୋଗ ହେବା ପରେ ପୋଲିସ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ସେହିପରି ତା ୧୧।୧୨।୨୦୨୩ରେ କିଶୋରନଗର ଥାନା ସୁସବଠାରେ ଜଣେ ମେଡିସିନ ବ୍ୟବସାୟୀଙ୍କୁ ଅଟକାଇ ୨ ଜଣ ଲୁଟେରା ୫୦ ହଜାର ଟଙ୍କା ଲୁଟି ନେଇଥିଲେ। ସେହି ଦିନ ପୁଣି ହଣ୍ଡପା ଥାନା ପରସୁମାଳ ନିକଟରେ ଜଣେ ମେଡିସିନ ବ୍ୟବସାୟୀଙ୍କୁ ଖଣ୍ଡାରେ ଆକ୍ରମଣ କରି ଟଙ୍କା ଏବଂ ମୋବାଇଲ ଲୁଟି ନେଇଥିଲେ। ବାରମ୍ବାର ଲୁଟେରାମାନେ ଜାତୀୟ ରାଜପଥ ଅଞ୍ଚଳ ର ନିଛାଟିଆ ଅଞ୍ଚଳରେ ମେଡିସିନ ବ୍ୟବସାୟୀଙ୍କୁ ଅଟକାଇ ଲୁଟ କରୁଥିଲେ ମଧ୍ୟ ସେମାନଙ୍କ ଗ୍ୟାଙ୍ଗକୁ କାବୁ କରିବାରେ ପୋଲିସ ସକ୍ଷମ ହୋଇ ପାରୁ ନ ଥିବା ସାଧାରଣରେ ଆଲୋଚନା ହେଉଛି। ତୁରନ୍ତ ଏଥିପ୍ରତି ଅନୁଗୋଳ ଏସ୍‌ପି ଦୃଷ୍ଟି ଦେଇ ଜାତୀୟ ରାଜପଥରେ ପାଟ୍ରୋଲିଂ କଡା କଡି କରିବା ପାଇଁ ସାଧାରଣରେ ଦାବି ହୋଇଛି। ଏ ନେଇ ହଣ୍ଡପା ଆଇଆଇସି ନମିତା ନାୟକ କୁହନ୍ତି, ପୋଲିସ ପକ୍ଷରୁ ପାଟ୍ରୋଲିଂ କଡା କଡି କରାଯାଉଛି। ଲୁଟ ସମ୍ପର୍କରେ ମଧ୍ୟ ତଦନ୍ତ ଚାଲିଛି।

## ଶିବ ମନ୍ଦିର ପାଇଁ ରତ୍ନମୁଦ ଉତ୍ସବ


ରତ୍ନ ମୁଦ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

ବଇଣ୍ଡା,୧୭।୨(ପରିକ୍ଷିତ ସାହୁ)

ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା କୁତୁଲିସିଙ୍ଗା ଗ୍ରାମରେ ଥିବା ମଠ ନିକଟରେ ନିର୍ମାଣ ହୋଇଥିବା ଶିବ ମନ୍ଦିରର ଶୁକ୍ରବାର ରତ୍ନ ମୁଦ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କଳସରେ ପାଣି ଆଣିବା ପରେ ପ୍ରଥମେ ଯଥା ରୀତି ନୀତି ନିୟମ ଅନୁସାରେ ପୂଜା କରାଯାଇଥିଲା। ପୂଜକ ଲୋକନାଥ ତ୍ରିପାଠୀ ପୂଜା କରିଥିବା ବେଳେ ଗୋପାଳ ଚନ୍ଦ୍ର ପ୍ରଧାନ, ଶୋଭାଙ୍ଗିନୀ ପ୍ରଧାନ କର୍ତ୍ତା ଭାବେ ଯୋଗ ଦେଇଥିଲେ। ଏଥିରେ ପ୍ରଜ୍ଞାନନ୍ଦ ପୁରୀ, ପଞ୍ଚାନନ ଦାସ ମହାରାଜ, ପଦ୍ମଲୋଚନ ଦାସ ଭାଗବତ ପାଠ କରିଥିଲେ। ଏହି କାର୍ଯ୍ୟକ୍ରମରେ ଆଖପାଖ ଅଞ୍ଚଳରୁ ବହୁ ଶ୍ରଦ୍ଧାଳୁ ଯୋଗ ଦେଇ ମନ୍ଦିରରେ ବିଭିନ୍ନ ଧାତୁ ପକାଇ ରତ୍ନ ମୁଦ ଉତ୍ସବ କରିଥିଲେ। ଅତିଥି ଭାବେ ବିଜେଡି ନେତା ନଳିନୀ ପ୍ରଧାନ, ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ, ବିଜେ ନେତା ସନ୍ତୋଷ କୁମାର ପ୍ରଧାନ, ପୂର୍ବତନ ସରପଞ୍ଚ ସତ୍ୟାନନ୍ଦ ରାଉତ, ଅମର ନାୟକଙ୍କ ସମେତ ବହୁ ଗ୍ରାମବାସୀ ଯୋଗ ଦେଇଥିଲେ।

# କଠିନ ପରିଶ୍ରମ ହିଁ ସଫଳତାର ଚାବିକାଠି


ସମାବର୍ତ୍ତନ ସମାରୋହ ଅବସରରେ ଉପସ୍ଥିତ ଅତିଥିଙ୍କ ଗହଣରେ ବିଦାୟୀ ଛାତ୍ରୀଛାତ୍ରମାନେ।

ତାଳଚେର,୧୭।୨(ମନୋଜ ନନ୍ଦ)

ତାଳଚେର ବ୍ଲକ କଳମଛୁଇଁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଦଶମ ଶ୍ରେଣୀ ଛାତ୍ରୀଛାତ୍ରମାନଙ୍କ ବିଦାୟକାଳୀନ ସମାବର୍ତ୍ତନ ସମାରୋହ ପାଳିତ ହୋଇଯାଇଛି। ଆଚାର୍ଯ୍ୟ ଅଜୟ ସାହୁ ଅତିଥି ପରିଚୟ ଦେଇଥିଲେ। ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟ ଅନିଲ କୁମାର ଦେହୁରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ତାଳଚେର ସଦର ଖଣ୍ଡ କାର୍ଯ୍ୟବାହ ଶ୍ରୀକାନ୍ତ ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା ସମିତି ସମ୍ପାଦକ ବିଭୂତି ଭୂଷଣ ସ୍ୱାଇଁ ଓ କୋଷାଧ୍ୟକ୍ଷ ପଞ୍ଚାନନ ବେହେରା ଯୋଗ ଦେଇଥିଲେ। କଠିନ ପରିଶ୍ରମ ହିଁ ସଫଳତାର ଚାବିକାଠି ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। ଦଶମ ଶ୍ରେଣୀ ଛାତ୍ର ସୁରେନ୍ଦ୍ର ପ୍ରଧାନ ଓ ଛାତ୍ରୀ ଦୀପାଞ୍ଜଳୀ ନାୟକ ବିଦ୍ୟାଳୟରେ ସେମାନଙ୍କ ଦୀର୍ଘ ୧୨ ବର୍ଷର ଅନୁଭୂତି ବଖାଣିଥିଲେ। ଏହି ଅବସରରେ ଅତିଥିମାନେ ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କୁ ଅଯୋଧ୍ୟାରେ ନିର୍ମାଣ ହେଉଥିବା ଶ୍ରୀରାମଲାଲାଙ୍କ ନବନିର୍ମିତ ଭବ୍ୟ ମନ୍ଦିରର ପ୍ରତିମୂର୍ତ୍ତି ଉପହାର ଦେଇ ସମ୍ବର୍ଦ୍ଧିତ କରିଥିଲେ। ଆଚାର୍ଯ୍ୟ ଦମୟନ୍ତୀ ନନ୍ଦ ଓ ପ୍ରିୟଙ୍କା ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆଚାର୍ଯ୍ୟ ତ୍ରିଲୋଚନ ବେହେରା ଧନ୍ୟବାଦ ଦେଇଥିଲେ। ଆଚାର୍ଯ୍ୟ ଚତୁର୍ଭୁଜ ସାହୁ, ମଳୟ ଦାସ, ବୀଣାପାଣି ବାରିକ, ମୋନାଲିସା ମହାନ୍ତି, ସରିତା ନାୟକ, ବିଷ୍ଣୁଚରଣ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ।

## ଗଣ୍ଡଗୋଳ ଘଟଣାରେ ୨ ଗିରଫ

ଅନୁଗୋଳ,୧୭।୨(ଅମିତ ସାମଲ)

ଅନୁଗୋଳ ଥାନା ଅଞ୍ଚଳରେ ଥିବା ପଶ୍ଚିମ ବଜାରପଡ଼ାରେ ଗଣ୍ଡଗୋଳ ଘଟଣାରେ ପୋଲିସ ଦୁଇ ଜଣ ଯୁବକଙ୍କୁ ଗିରଫ କରିଛି। ସେମାନେ ହେଲେ ବନ୍ତଲା ଥାନା ମଧୁପୁର ଅଞ୍ଚଳର ସୁଜିତ ସିଂହ(୨୬) ଓ ଢେଙ୍କାନାଳ ଜିଲା ହିନ୍ଦୋଳ ଥାନା ବାଉଁଶପୋଖରୀ ଅଞ୍ଚଳର ତପନ ବେହେରା(୨୦)।

ପୋଲିସ କହିଛି, ଗତ ୮ ତାରିଖରେ ପଶ୍ଚିମବଜାରପଡ଼ାର ସୌମ୍ୟରଞ୍ଜନ ଜେନା ସିତଲପ୍ଲାଜାକୁ ମୋବାଇଲ କିଣିବାକୁ ଯାଇଥିବା ସମୟରେ ସୁଜିତ ଓ ତପନ ତାଙ୍କୁ ମାଡ଼ ମାରିଥିଲେ। ଏଭଳି କି ତାଙ୍କ ନିକଟରୁ ୯ ହଜାର ଟଙ୍କା ଛଡ଼ାଇ ନେଇଯାଇଥିଲେ। ଏନେଇ ସୌମ୍ୟ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନଂ. ୧୩୦/୨୪ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା।

## ପଞ୍ଚାୟତ କାର୍ଯ୍ୟାଳୟରୁ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଲୁଟ୍

ପାଲଲହଡା,୧୭।୨
(ଦିବ୍ୟଜ୍ୟୋତି ଦାଶ)



ଅନୁଗୋଳ ଜିଲା ପାଲଲହଡା ଥାନା ନମପଶି ପଞ୍ଚାୟତ କାର୍ଯ୍ୟାଳୟରୁ ଗୁରୁବାର ବିଳମ୍ବିତ ରାତିରେ ଚୋରି ହୋଇଛି। ଦୁର୍ବୃତ୍ତମାନେ କାର୍ଯ୍ୟାଳୟର ତାଲା ଭାଙ୍ଗି ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି କରି ନେଇଥିବା ପାଲଲହଡା ଥାନାରେ ଅଭିଯୋଗ ହୋଇଛି। ସେହିପରି ପଞ୍ଚାୟତ ପରିସରରେ ନୂତନ ଭାବେ ଖୋଲିବାକୁ ଥିବା ମୋ ବ୍ୟାଙ୍କରୁ ମଧ୍ୟ ଇନ୍‌ଭରଟର, ବ୍ୟାଟେରି, ସିସିଟିଭି ହାର୍ଡ ଡିସ୍କ, ପ୍ରିଣ୍ଟର, ଲାପ୍‌ଟପ୍, କମ୍ପ୍ୟୁଟର, ଫ୍ୟାନ ଆଦି ଚୋରି କରିଛନ୍ତି। ଏହି ପରିସରରେ ଥିବା ମିଶନ ଶକ୍ତି ଗୃହ ପରିସରରୁ ମଧ୍ୟ କମ୍ପ୍ୟୁଟର ଓ ପ୍ରିଣ୍ଟର ଚୋରି କରି ନେଇଯାଇଛନ୍ତି। ଅଭିଯୋଗ ପାଇ ପାଲଲହଡ଼ା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ଏ ନେଇ ନଂ. ୪୯/୨୪ ରେ ଏକ ମାମଲା ରୁଜୁ ହୋଇଛି। ସୂଚନାଯୋଗ୍ୟ, ମାସକ ମଧ୍ୟରେ ଏହି ମୋ ବ୍ୟାଙ୍କ କେନ୍ଦ୍ରରୁ ୨ ଥର ଚୋରି ହୋଇଛି। ପୂର୍ବରୁ ବଡୀସୁଆଁ ପଞ୍ଚାୟତ ମୋ ବ୍ୟାଙ୍କ କେନ୍ଦ୍ରରୁ ଦୁର୍ବୃତ୍ତମାନେ ତାଲା ଭାଙ୍ଗି ସମସ୍ତ ଉପକରଣ ନେଇ ଯାଇଥିଲେ। ତୁରନ୍ତ ଦୁର୍ବୃତ୍ତମାନଙ୍କୁ ଗିରଫ କରିବାସହ ପୋଲିସ ପାଟ୍ରୋଲିଂ କରିବାକୁ ସାଧାରଣରେ ଦାବି ହୋଇଛି।

## ଅଷ୍ଟପ୍ରହର ଉତ୍ସବ ଉଦ୍‌ଯାପିତ

ଓଡ଼ାପଡ଼ା,୧୭।୨(ରଞ୍ଜିତ ନାୟକ)

ଓଡ଼ାପଡ଼ା ବ୍ଲକ ଅନ୍ତର୍ଗତ ବେଲପଡା ଗ୍ରାମରେ ଚାଲିଥିବା ଅଷ୍ଟପ୍ରହର ଉତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଉପଲକ୍ଷେ ଗତ ୧୫ ତାରିଖରେ କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା। ଆଖପାଖ ଅଞ୍ଚଳର ୨୫ ଗୋଟି ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇ ନାମ ସଂକୀର୍ତ୍ତନ କରିଥିଲେ। ଫଳରେ ଗ୍ରାମରେ ଏକ ଆଧ୍ୟାତ୍ମିକ ବାତାବରଣ ସୃଷ୍ଟି ହୋଇଥିଲା। ଗ୍ରାମ ସମ୍ପାଦକ ଦିବ୍ୟସିଂହ ବରାଳ, ପରିଚାଳନା କମିଟି ସଦସ୍ୟମାନେ ପରିଚାଳନା କରିଥିବାବେଳେ ଗ୍ରାମବାସୀ ସହଯୋଗ କରିଥିଲେ। ଗ୍ରାମର ଆବାଳବୃଦ୍ଧବନିତା ଏକାଠି ପ୍ରସାଦସେବନ କରିଥିଲେ।



## ନିଖୋଜ ଯୁବକଙ୍କ ମୃତଦେହ ଜବତ

କଣିହାଁ,୧୭।୨(ସଚ୍ଚିଦାନନ୍ଦ ପ୍ରଧାନ)

କଣିହାଁ ଥାନା ପୋଲିସ କାକୁଡିଆ ପଞ୍ଚାୟତ ସନ୍ତରାବନ୍ଧ ନିଛାଟିଆ ସ୍ଥାନ ଏକ ପୋଲ ନିକଟରୁ ଶନିବାର ଜଣେ ନିଖୋଜ ଯୁବକଙ୍କ ମୃତଦେହ ଜବତ କରିଛି। ମୃତକ ହେଲେ ଛେଣ୍ଡିପଦା ଥାନା ସନ୍ତରାବନ୍ଧ ଗ୍ରାମର ଜିତୁ ସେଠୀ (୪୦)।

ଥାନା ଭାରପ୍ରାପ୍ତ ଅଧିକାରୀ ଅରୁଣ କୁମାର ପଣ୍ଡା କହିଛନ୍ତି, ଜିତୁ ଚଳିତ ମାସ ଗୁରୁବାରଠାରୁ ନିଖୋଜ ହୋଇଯାଇଥିଲେ। କଣିହାଁ ଥାନା ଅଞ୍ଚଳ କାକୁଡିଆ ପଞ୍ଚାୟତ ସନ୍ତରାବନ୍ଧ ନିଛାଟିଆ ସ୍ଥାନ ଏକ ପୋଲ ନିକଟରୁ ତାଙ୍କ ମୃତଦେହ ଜବତ କରାଯାଇଥିଲା। ମୃତକଙ୍କ ପୁତୁରା ଲିକୁ ସେଠୀ (୨୨)ଙ୍କ ଅଭିଯୋଗକ୍ରମେ ପୋଲିସ ନଂ. ୦୧/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ଥାନା ସୂତ୍ରରୁ ପ୍ରକାଶ।

## ପଞ୍ଚପଡା କ୍ରିକେଟ ଟୁର୍ନାମେଣ୍ଟ: ଫୁଲପଡା ଚାମ୍ପିୟନ

ସାତମାଇଲ,୧୭।୨
( ସୁଶାନ୍ତ ପତି )



ହିନ୍ଦୋଳ ବ୍ଲକ ଚିଉଲପୁର ପଞ୍ଚାୟତ ହାଇସ୍କୁଲ ଖେଳ ପଡିଆଠାରେ ଚାଲିଥିବା ପଞ୍ଚପଡା କ୍ରିକେଟ୍ କପ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍ ଗୁରିଲୋ ଏକାଦଶ ଏବଂ ଫୁଲପଡା ଏକାଦଶ ମଧ୍ୟରେ ଖେଳାଯାଇଥିଲା। ଫୁଲପଡା ଏକାଦଶ ପ୍ରଥମେ ବ୍ୟାଟିଂ କରି ୨୦୬ ରନ ସଂଗ୍ରହ କରିଥିଲା। ଜବାବରେ ଗୁରିଲୋ ଏକାଦଶ ୧୬୦ ରନ୍ କରି ପରାସ୍ତ ହୋଇଥିଲା। ଧର୍ମରଞ୍ଜନ ପତି, ଦୀପକ ପଣ୍ଡା, ଓ ସଞ୍ଜୁ ସାହୁ ଖେଳ ପରିଚାଳନା କରିଥିଲେ। ସ୍କୋରର ଭାବେ ଅବିନାଶ ମହାଳିକ ଓ ଲୋରେନଶ ପତି ଉପସ୍ଥିତ ଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପଞ୍ଚପଡା ଗ୍ରାମ କମିଟି ସଭାପତି ବିମ୍ବାଧର ପଣ୍ଡା, ମୁଖ୍ୟ ବକ୍ତା ଭାବେ ହିନ୍ଦୋଳ ସାମ୍ବାଦିକ ସଂଘ ସଭାପତି ସୁଶାନ୍ତ ପତି, ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ କ୍ରିକେଟ ଖେଳାଳି ପ୍ରଦୀପ ପତି ଓ ମନୋଜ ପତି ଯୋଗଦେଇ ଉଭୟ ଦଳକୁ ପୁରସ୍କୃତ କରିଥିଲେ। ତୋଫାନ, ଟିଙ୍ଗୁ, ସୌମ୍ୟ, ଅବିନାଶ, ବାପୁନ, ଚନ୍ଦନ, ରାଜା, ସିଡ୍ଡୁ, ଲିପୁନ, ଗୁଡ୍ଡୁ, ଆଶୁତୋଷ, ପଦି ଓ ଗୁଗୁଲି ପ୍ରମୁଖ ସହଯୋଗ କରିଥିଲେ।

## ମୋବାଇଲ ଗେମରେ ହାରିଯିବାରୁ ବେକ କାଟିଦେଲେ ଯୁବକ

ଛେଣ୍ଡିପଦା,୧୭।୨
(ଅଜିତ ଧଳ)



ଅନୁଗୋଳ ଜିଲା ଜରପଡା ଥାନା ଜେରେଙ୍ଗ ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ମୋବାଇଲ ଫୋନରେ ଗେମ ଖେଳୁଥିବାବେଳେ ସେଥିରେ ହାରିଯିବାରୁ ଜଣେ ଯୁବକ ନିଜ ବେକକୁ ବ୍ଲେଡରେ କାଟି ଗୁରୁତର ହୋଇଛନ୍ତି। ଗୁରୁତର ଯୁବକ ହେଲେ ସୌମ୍ୟରଞ୍ଜନ ନାୟକ(୨୪)।

ସୂଚନା ଅନୁସାରେ, ଜେରେଙ୍ଗ ଗ୍ରାମର ଅଚ୍ୟୁତାନନ୍ଦ ନାଏକଙ୍କ ପୁଅ ସୌମ୍ୟରଞ୍ଜନ ଶୁକ୍ରବାର ମୋବାଇଲ ଫୋନରେ ଫ୍ରି ଫାୟାର ଗେମ ଖେଳୁଥିଲେ। ସେଥିରେ ସେ ତିନି ଥର ହାରି ଯାଇଥିଲେ। ଫଳରେ ନିଜର ହିତାହିତ ଜ୍ଞାନ ଭୁଲି ଏକ ବ୍ଲେଡରେ ନିଜ ବେକକୁ ନିଜେ କାଟି ଦେଇଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଚିକିତ୍ସା ପରେ ସେ ସୁସ୍ଥ ଥିବା ଜଣାପଡିଛି।

## ଉତ୍ତରପଡ଼ା ନୋଡାଲ ଉ.ପ୍ରା ବିଦ୍ୟାଳୟର ବାର୍ଷିକ ଉତ୍ସବ

ଅନୁଗୋଳ,୧୭।୨(ଅମିତ ସାମଲ)

ଅନୁଗୋଳ ମ୍ୟୁନିସିପାଲିଟି ଅନ୍ତର୍ଗତ ଉତ୍ତରପଡା ନୋଡାଲ ଉ.ପ୍ରା ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷୟିତ୍ରୀ ପୂର୍ଣ୍ଣିମା ଶତପଥୀ ଅତିଥି ପରିଚୟ ଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସାରଦା ଦେବିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂହ, ସମ୍ମାନିତ ଅତିଥି ଭାବେ ନଗରପାଳ ଅକ୍ଷୟ କୁମାର ସାମନ୍ତ, କାଉନସିଲର ବଳରାମ ଜେନା, ମୁଖ୍ୟବକ୍ତା ଭାବେ ନବକୃଷ୍ଣ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡ. ଚୈତନ୍ୟ ସାହୁ, ଅତିଥି ଭାବେ ମୋ ସ୍କୁଲ ଅଭିଯାନ ସଭାପତି ଶିକ୍ଷାବିତ୍ ବୃନ୍ଦାବନ ସ୍ୱାଇଁ, ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ରାଜେନ୍ଦ୍ର ପଟ୍ଟନାୟକ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶରତ ଚନ୍ଦ୍ର ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସାରଦା ଦେବି ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରୀଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏଥିରେ ଶିକ୍ଷୟିତ୍ରୀ ତିଲୋତ୍ତମା କର୍ଣ୍ଣ, ବନାନୀ ମହାପାତ୍ର, ଅଞ୍ଜନା ସାହୁ, ପ୍ରଣତି ମିଶ୍ର, କଳ୍ପନା ବିଜୟିନୀ ସ୍ୱାଇଁ, ସୁମତି ପ୍ରଧାନ, ଯଶସ୍ୱିତା ସାହୁପ୍ରମୁଖ ସହଯୋଗ କରିଥିଲେ।


କାର୍ଯ୍ୟକ୍ରମରେ ଉପସ୍ଥିତ ଶିକ୍ଷୟିତ୍ରୀଶିକ୍ଷକଙ୍କ ଗହଣରେ ଛାତ୍ରୀଛାତ୍ରମାନେ।

## ସ୍ୱଚ୍ଛତା, ପରିମଳ କାର୍ଯ୍ୟ ତଦାରଖ କଲା କାୟାକଳ୍ପ ଟିମ୍

ତାଳଚେର,୧୭।୨(ମନୋଜ ନନ୍ଦ)

ତାଳଚେର ବ୍ଲକ ଧରମପୁର ସ୍ୱାସ୍ଥ୍ୟ ଓ ଆରୋଗ୍ୟ ଉପକେନ୍ଦ୍ରକୁ ଶୁକ୍ରବାର ଜିଲାସ୍ତରୀୟ କାୟାକଳ୍ପ ଟିମ୍ ପରିଦର୍ଶନ କରିଛନ୍ତି। ଏହି ଅବସରରେ ଟିମ୍‌ର ସଦସ୍ୟମାନେ ଆରୋଗ୍ୟ କେନ୍ଦ୍ରର ସ୍ୱଚ୍ଛତା, ପରିମଳ ସମ୍ବନ୍ଧୀୟ କାର୍ଯ୍ୟ ତଦାରଖ କରିଥିଲେ। ପରେ ଔଷଧ କେନ୍ଦ୍ର, ରକ୍ତ ନମୁନା କେନ୍ଦ୍ର, ଶୌଚାଳୟ, ଫୁଲ ବଗିଚା, ଯୋଗ କକ୍ଷ, ଔଷଧୀୟ ଉଦ୍ୟାନ ସମେତ ସ୍ୱାସ୍ଥ୍ୟ ଉପକେନ୍ଦ୍ରର ଚତୁଃପାର୍ଶ୍ୱ ବୁଲି ଦେଖିବାସହ ସ୍ୱାସ୍ଥ୍ୟକେନ୍ଦ୍ରର ବର୍ଜ୍ୟବସ୍ତୁ ପରିଚାଳନା ବିଷୟରେ ପଚାରି ବୁଝିଥିଲେ। ଏହି ଟିମ୍‌ରେ ମୁଖ୍ୟ ଚିକିତ୍ସାଳୟର ମାଇକ୍ରୋ ବାୟୋଲୋଜିଷ୍ଟ ଡ. ସୁଶ୍ରୀଶାନ୍ତା ତ୍ରିପାଠୀ, ଆସିଷ୍ଟାଣ୍ଟ ଇଞ୍ଜିନିୟର ସୁନୀଲ କୁମାର ଦେହୁରୀ ସାମିଲ ଥିଲେ। ଅନ୍ୟମାନଙ୍କ ମଧ୍ୟରେ କଙ୍କିଲି ଗୋଷ୍ଠୀ ଆରୋଗ୍ୟ କେନ୍ଦ୍ରର ଡାକ୍ତର ଟୁନା ସାହୁ, ଧରମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଜୀବନ ଜ୍ୟୋତ୍ସ୍ନା ଜେନା, ସ୍ୱାସ୍ଥ୍ୟକର୍ମୀ କବିତା ବେହେରା, ପୁରୁଷ ସ୍ୱାସ୍ଥ୍ୟକର୍ମୀ ମାନସ ରଞ୍ଜନ ସାହୁ, ଆଶାକର୍ମୀ ଉପସ୍ଥିତ ଥିଲେ।



## ମନ୍ଦିର ହୁଣ୍ଡିରୁ ଚୋରି ଅଭିଯୋଗ

ଛେଣ୍ଡିପଦା,(ଅଜିତ ଧଳ): ଅନୁଗୋଳ ଜିଲା ଜରପଡା ଥାନା ତୁକୁଡା ଗ୍ରାମର କାଳୀ ମନ୍ଦିରରୁ ଗତ ଗୁରୁବାର ରାତିରେ ଚୋରି ହୋଇଛି। ଦୁର୍ବୃତ୍ତମାନେ ମନ୍ଦିରର ହୁଣ୍ଡି ଭାଙ୍ଗି ଟଙ୍କା ନେଇଯାଇଥିବା ନେଇ ତୁକୁଡା ଗ୍ରାମ ସମ୍ପାଦକ ସନ୍ତୋଷ କୁମାର ସାହୁ ଜରପଡା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଗ୍ରାମର ଜଣେ ଯୁବକ ଏଥିରେ ସମ୍ପୃକ୍ତ ଥିବା ନେଇ ସେ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ପୋଲିସ ନଂ. ୫୨/୨୪ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି।

**ସଂକ୍ଷେପରେ**

## ନିର୍ମଳ ମିଶ୍ର କଂଗ୍ରେସ ମିଡିଆ ସେଲ୍ ଅଧ୍ୟକ୍ଷ



ଢେଙ୍କାନାଳ,୧୭।୨(ରତନ ନାୟାର)

ଢେଙ୍କାନାଳ ଜିଲା କଂଗ୍ରେସର ବରିଷ୍ଠ ନେତା ଆଇନଜୀବୀ ନିର୍ମଳ ମିଶ୍ରଙ୍କୁ ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ଜିଲା ମିଡିଆ ଓ କମ୍ୟୁନିକେଶନ ସେଲ୍ ଅଧ୍ୟକ୍ଷ ଭାବେ ଶନିବାର ନିଯୁକ୍ତି ଦିଆଯାଇଛି। ଏଥିସହିତ ସେ ଜିଲା କଂଗ୍ରେସର ମୁଖପାତ୍ର ଭାବେ କାର୍ଯ୍ୟ କରୁଛନ୍ତି। ବର୍ତ୍ତମାନ ତାଙ୍କୁ ଜିଲାର ପରଜଙ୍ଗ ବିଧାନସଭା ନିର୍ବାଚନ ମଣ୍ଡଳୀର ପର୍ଯ୍ୟବେକ୍ଷକ ଭାବେ ଦାୟିତ୍ୱ ଦିଆଯାଇଛି। ଏହି ନୂତନ ନିଯୁକ୍ତି ପାଇଁ ସେ ପିସିସି ସଭାପତି ଓ ପିସିସି ମିଡିଆ ଓ କମ୍ୟୁନିକେଶନ ସେଲ୍ ଅଧ୍ୟକ୍ଷ ଡ. ବିଶ୍ୱରଞ୍ଜନ ମହାନ୍ତି, ପୂର୍ବତନ ଜିଲା କଂଗ୍ରେସ ସଭାପତି ସରୋଜ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ପୂର୍ବ ଶତ୍ରୁତାରୁ ବୃଦ୍ଧଙ୍କୁ ଟାଙ୍ଗିଆରେ ହାଣି ହତ୍ୟା

କାମାକ୍ଷାନଗର,୧୭।୨(ସୁଧୀର କୁମାର ପରିଡା)

ଢେଙ୍କାନାଳ ଜିଲା କଙ୍କଡାହାଡ଼ ଥାନା ମରୁଆବିଲି ପଞ୍ଚାୟତ କଣ୍ଡାର ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଗ୍ରାମର ଧର୍ମାନନ୍ଦ ଦେହୁରୀ(୬୮)ଙ୍କୁ ହତ୍ୟା କରାଯାଇଥିବା ତାଙ୍କ ସ୍ତ୍ରୀ ପଦ୍ମାବତୀ ଦେହୁରୀ ଶନିବାର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନଂ. ୩୮/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ପୋଲିସ କହିଛି, ଶୁକ୍ରବାର ଧର୍ମାନନ୍ଦ ଘରୁ ବାହରକୁ ଆସିଥିବାବେଳେ ବିଳମ୍ବିତ ରାତିଯାଏ ଘରକୁ ଫେରି ନ ଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରିବା ପରେ ମଧ୍ୟ ତାଙ୍କର କୌଣସି ସନ୍ଧାନ ପାଇ ନ ଥିଲେ। ଶନିବାର ସକାଳୁ ଘରଠୁ ମାତ୍ର କିଛି ଦୂରରେ ତାଙ୍କ ମୃତଦେହ ପଡିଥିବା ଦେଖିବାକୁ ମିଳିଥିଲା। ଖବରପାଇ କାମାକ୍ଷାନଗର ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ପ୍ରଭାତ କୁମାର ତ୍ରିପାଠୀ, କଙ୍କଡାହାଡ଼ ଥାନା ଅଧିକାରିଣୀ କଳ୍ପନା ବେହେରା, ଢେଙ୍କାନାଳ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ଏହି ଘଟଣାରେ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ପଚରାଉଚରା ସମୟରେ ଅଭିଯୁକ୍ତଙ୍କଠାରୁ ପୋଲିସ ଚାଞ୍ଚଲ୍ୟକର ବୟାନ ପାଇଛି। ପୂର୍ବଶତ୍ରୁତା ଓ ଗୁଣିଗାରେଡିକୁ କେନ୍ଦ୍ର କରି ଏକ ଟାଙ୍ଗିଆରେ ଧର୍ମାନନ୍ଦଙ୍କୁ ହାଣି ହତ୍ୟା କରିବା ପରେ ମୃତଦେହକୁ ଘୋଷାଡି ଘୋଷାଡି ଆଣି ଅନ୍ୟ ଏକ ସ୍ଥାନରେ ଫିଙ୍ଗି ଦେଇଥିବା ଅଭିଯୁକ୍ତ ଜଣକ ପୋଲିସ ନିକଟରେ ସ୍ୱୀକାର କରିଛି। ଏ ନେଇ କଙ୍କଡାହାଡ଼ ଥାନା ଅଧିକାରିଣୀ କଳ୍ପନା ବେହେରା କହିଛନ୍ତି, ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କାମାକ୍ଷାନଗର ଉପଖଣ୍ଡ ମେଡିକାଲ ପଠାଯାଇଛି। ଅଭିଯୁକ୍ତଙ୍କୁ ପୋଲିସ ଅଟକ ରଖି ଅଧିକ ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, କିଛିବର୍ଷ ପୂର୍ବେ ଧର୍ମାନନ୍ଦଙ୍କୁ ମରଣାତ୍ମକ ଆକ୍ରମଣ ହୋଇଥିଲା। ହେଲେ ସେ ଜୀବନ ବଞ୍ଚାଇ ଘରକୁ ପଳାଇ ଆସିଥିଲେ।

# ମୋ ପାଇଁ ସବୁ ଜୀବନ ମୂଲ୍ୟବାନ୍

**ଆମ ହସ୍ପିଟାଲ ରୂପାନ୍ତରିତ ଲୋକାର୍ପିତ**

ଢେଙ୍କାନାଳ,୧୭।୨(ରତନ ନାୟାର)/ପରଜଙ୍ଗ,(ନିଗମାନନ୍ଦ ଦଳବେହେରା)/କାମାକ୍ଷାନଗର,(ସୁଧୀର ପରିଡା)

ଢେଙ୍କାନାଳ ଜିଲାରେ ଜିଲା ମୁଖ୍ୟ ଚିକିତ୍ସାଳୟ ସମେତ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, କାମାକ୍ଷାନଗର ଓ ହିନ୍ଦୋଳ ଉପଖଣ୍ଡ ଚିକିତ୍ସାଳୟରେ ଆମ ହସ୍ପିଟାଲ ରୂପାନ୍ତରିତ କାର୍ଯ୍ୟକ୍ରମ ଶନିବାର ଅପରାହ୍ନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଲୋକାର୍ପିତ ହୋଇଛି। ଭୁବନେଶ୍ୱରରୁ ଆଭାସୀ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ, ଆଜି ଆମର ସ୍ୱାସ୍ଥ୍ୟ ସେବାର ଏକ ନୂଆ ଯୁଗର ଆରମ୍ଭ ହୋଇଛି। ୧୫ଟି ଜିଲାର ୭୩ଟି ସରକାରୀ ଡାକ୍ତରଖାନା ଆମ ହସ୍ପିଟାଲରେ ରୂପାନ୍ତରିତ ହୋଇଛି। ଡାଏଲିସିସ୍ ସିଷ୍ଟମ, ପେସେଣ୍ଟ ଫିଡ୍‌ବ୍ୟାକ୍ ବ୍ୟବସ୍ଥା ମଧ୍ୟ ଶୁଭାରମ୍ଭ ହୋଇଛି। ଆମ ହସ୍ପିଟାଲ ରୂପାନ୍ତରିତ ଏକ ଯୁଗାନ୍ତକାରୀ ପଦକ୍ଷେପ। ୫-ଟି ଅଧ୍ୟକ୍ଷ ଜିଲା ଗସ୍ତରେ ଆସିବା ପରେ ମିଳିଥିବା ଫିଡବ୍ୟାକ୍ ଅନୁଯାୟୀ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଲୋକଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବା ଦେବା ପାଇଁ ୪ହଜାର ଡାକ୍ତର ଓ ୩ ହଜାରରୁ ଊର୍ଦ୍ଧ୍ୱ ନର୍ସଙ୍କୁ ନିଯୁକ୍ତି ଦିଆଯାଇଛି। ମୋ ପାଇଁ ସବୁ ଜୀବନ ମୂଲ୍ୟବାନ। ଏହି ମନ୍ତ୍ର ନେଇ ସୁସ୍ଥ ଓଡିଶା ଓ ସୁଖି ଓଡିଶା ସ୍ୱପ୍ନ ପୂରଣ ହେବ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଥିଲେ। ଏହି ଅବସରରେ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ କହିଲେ, ଏହି କାର୍ଯ୍ୟକ୍ରମ ଗତବର୍ଷ ମାର୍ଚ୍ଚରୁ ଆରମ୍ଭ ହୋଇଥିଲା। ସମସ୍ତଙ୍କ ସହଯୋଗରେ ୧୪୯ଟି ସ୍ୱାସ୍ଥ୍ୟ ଅନୁଷ୍ଠାନ ୫ଟିରେ ସାମିଲ ହୋଇ ରୂପାନ୍ତରଣ ହୋଇଛି। ଏହି ଉପଲକ୍ଷେ ଢେଙ୍କାନାଳ ଜିଲା ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରଠାରେ ଆୟୋଜିତ ଉତ୍ସବରେ ପରଜଙ୍ଗ ବିଧାୟକ ଡା. ନୃସିଂହ ଚରଣ ସାହୁ, ଜିଲାପାଳ ମନୋରଞ୍ଜନ ମଲ୍ଲିକ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତି ଶଙ୍କର ସାହୁ, ଅତିରିକ୍ତ ଜିଲା ଚିକିତ୍ସାଧିକାରୀ ଡା. ନୀଳମଣି ଚାନ୍ଦ ବେହେରା, ଜିଲା ପରିଷଦ ଉପାଧ୍ୟକ୍ଷା ବିଳାସିନୀ ସେଠି, ରାଜ୍ୟ ଖାଦ୍ୟ ଆୟୋଗ ସଦସ୍ୟ ଅକ୍ଷୟ ବେହେରା, ଜିଲା ପରିଷଦ ସଭ୍ୟ ନିରାକାର ପ୍ରଧାନ, ଯୁବ ବିଜେଡି ସଭାପତି ସୁବ୍ରତ ଦାସ, ଜିଲା ପରିଷଦ ସଭ୍ୟା ରୁନୁବାଳା ବର୍ମା, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡା. ସ୍ମୃତିରଞ୍ଜନ ବିଶ୍ୱାଳ, ଅଶୋକ କୁମାର ନାଥ ଓ ଡା. ଅରୁଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟରେ ଆମ ହସ୍ପିଟାଲ ରୂପାନ୍ତୀକରଣ କାର୍ଯ୍ୟକ୍ରମରେ ଖଣିମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, ଏନ୍‌ଏସି ଅଧ୍ୟକ୍ଷ ଧର୍ମାନନ୍ଦ ପରିଡା, ଉପାଧ୍ୟକ୍ଷା ଶକୁନ୍ତଳା ସେଠୀ, ବ୍ଲକ ଅଧ୍ୟକ୍ଷ ପ୍ରେମାନନ୍ଦ ସାହୁ, ଉପଜିଲାପାଳ ନାରାୟଣଚନ୍ଦ୍ର ନାୟକ, ଉପଖଣ୍ଡ ଚିକିତ୍ସାଧିକାରୀ ଡା. ଦିଗମ୍ବର ସାହୁ, ପୂର୍ତ୍ତବିଭାଗ ସହକାରୀ ନିର୍ବାହୀଯନ୍ତ୍ରୀ ବିଜୟ କୁମାର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଆୟୋଜିତ ଉତ୍ସବରେ ଜିଲା ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ପୁହାଣ, ଅତିରିକ୍ତ ଜିଲାପାଳ ରମେଶଚନ୍ଦ୍ର ସେଠି, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଦିଲୀପ କୁମାର ବିଶ୍ୱାଳ, ପୌର ଉପାଧ୍ୟକ୍ଷ ପ୍ରକାଶଚନ୍ଦ୍ର କୁଅଁର ପ୍ରମୁଖ ଉପସ୍ଥିତ ଥିଲେ।



ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଆମ ହସ୍ପିଟାଲ ରୂପାନ୍ତରିତ ଲୋକାର୍ପଣ କରାଯାଉଛି।

## ବୁଦ୍ଧେଶ୍ୱର ମହାଦେବଙ୍କ ବାର୍ଷିକ ଉତ୍ସବ



ଢେଙ୍କାନାଳ,୧୭।୨(ରତନ ନାୟାର)

ଢେଙ୍କାନାଳ ଜିଲା ସଦର ବ୍ଲକ ଚାଉଳିଆ ଗ୍ରାମରେ ମାଘମାସ ଶୁକ୍ଳପକ୍ଷ ଅଷ୍ଟମୀ ତିଥିଠାରୁ ନବମୀ ପର୍ଯ୍ୟନ୍ତ ଶ୍ରୀଶ୍ରୀ ବୁଦ୍ଧେଶ୍ୱର ମହାଦେବଙ୍କ ଅଷ୍ଟମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହେଉଛି। ଏହି ଅବସରରେ ଶନିବାର ବିଶାଳ କଳସ ଯାତ୍ରା ସହିତ ଉତ୍ସବ ଆରମ୍ଭ ହୋଇଥିଲା। ବହୁ ସଂଖ୍ୟାରେ ମହିଳା ଶ୍ରଦ୍ଧାଳୁ ବ୍ରାହ୍ମଣୀ ନଦୀରୁ କଳସ ଆଣି ନାମ ସଂକୀର୍ତ୍ତନ ସହ ଶୋଭାଯାତ୍ରାରେ ଆସିଥିଲେ । ପୂଜାର୍ଚ୍ଚନା ପରେ ଶେଷରେ ପ୍ରସାଦ ସେବନ ଅନୁଷ୍ଠିତ ହୋଇଥିଲା। ଗ୍ରାମ ସଭାପତି ନୃସିଂହ ଚରଣ ଦାସ, ଉପସଭାପତି ସୁବ୍ରତ ସାହୁ, ସମ୍ପାଦକ କୁମର ବିନ୍ଧାଣି, ପୂର୍ଣ୍ଣଚନ୍ଦ୍ର ରାଉତ, ଦୁର୍ଗାଚରଣ ସାହୁ, ବାଦଲ ରାଉତ, ସରପଞ୍ଚ ବାବୁଲି ରାଉତ ପ୍ରମୁଖ ସହଯୋଗ କରିଥିଲେ।

# ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋକପାତ



ଭୁବନ,୧୭।୨( ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ଏନ୍‌ଏସିର ବିଭିନ୍ନ ୱାର୍ଡର ଲୋକମାନଙ୍କୁ ନେଇ ଆମ ଓଡିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ସ୍ଥାନୀୟ ଜଗନ୍ନାଥ ମନ୍ଦିର ନିକଟରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଭୁବନ ଏନ୍‌ଏସିର ୬ଟି ସ୍ଥାନରେ ଏହି କାର୍ଯ୍ୟକ୍ରମ ଆୟୋଜନ ହୋଇଥିବାବେଳେ ଜଗନ୍ନାଥ ମନ୍ଦିର ନିକଟରେ ଉଦ୍‌ଯାପିତ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ନଗରପାଳ ଶୁଭେନ୍ଦୁ କୁମାର ସାହୁ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ସମସ୍ତ ୱାର୍ଡର କାଉନସିଲର, ମହିଳା ସ୍ୱୟଂସହାୟକ ଗୋଷ୍ଠୀ, ସମ୍ମାନିତ ଶିଶୁ ବିକାଶ ଯୋଜନା କର୍ମଚାରୀ ଉପସ୍ଥିତ ଥିଲେ। ସହରର ବିକାଶ ସମ୍ପର୍କରେ ପୁସ୍ତିକା ଉନ୍ମୋଚନ କରାଯାଇଥିଲା। ଉତ୍ସବରେ ସରକାରଙ୍କ ପକ୍ଷରୁ ମହିଳାଙ୍କୁ ରାଜ୍ୟ ସରକାର ଯୋଗାଇ ଦେଇଥିବା ସହାୟତା, ଶିଶୁ ମାନଙ୍କ ଶିକ୍ଷା, ସୁଷମ ଯୁକ୍ତ ଖାଦ୍ୟ ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ଆଦି ଉପରେ ଆଲୋକପାତ କରାଯାଇଥିଲା। ପ୍ରାୟ ୫୦୦ରୁ ଊର୍ଦ୍ଧ୍ୱ ମହିଳା ସ୍ୱୟଂସହାୟକ ଗୋଷ୍ଠୀର କର୍ମକର୍ତ୍ତା ଓ ଅଙ୍ଗନୱାଡ଼ି କର୍ମୀ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ। ଏନ୍‌ଏସିର ସମସ୍ତ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶେଷରେ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା କଳାକାରମାନଙ୍କୁ ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଏନ୍‌ଏସି ସିଟି ମ୍ୟାନେଜର ଜାନକୀ ମହାନ୍ତି ଓ ଗୋଷ୍ଠୀ ସଂଯୋଜିକା ଦୀପାଳୀ ସାମନ୍ତ ପରିଚାଳନା କରିଥିଲେ। ଏନ୍‌ଏସିର ସମସ୍ତ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ।

## ଟ୍ରକ୍ ଧକ୍କାରେ ସାଇକେଲ ଆରୋହୀ ଗୁରୁତର

ଢେଙ୍କିକୋଟ୍,୧୭।୨(ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା ଢେଙ୍କିକୋଟ୍ ପୋଲିସ ବିଟ୍ ହାଉସ ଅନ୍ତର୍ଗତ ୨୨୦ ନଂ. ଜାତୀୟ ରାଜପଥ କପାସପଡ଼ା ଗ୍ରାମ ନିକଟରେ ଏକ ଟ୍ରକ୍ ଧକ୍କାରେ ଜଣେ ସାଇକେଲ ଆରୋହୀ ଗୁରୁତର ହୋଇଛନ୍ତି। ଗୁରୁତର ଜଣଙ୍କ ହେଲେ ଗ୍ରାମର ରତ୍ନାକର ନାଏକ(୫୫)। ସେ ସାଇକେଲ ଯୋଗେ କପାସପଡ଼ା ନିକଟସ୍ଥ ସୀତା ନଦୀକୁ ଗାଧୋଇବା ପାଇଁ ଯାଉଥିଲେ। ସେ ସମୟରେ ଏକ ଟ୍ରକ୍ ତାଙ୍କୁ ପଛପଟୁ ଧକ୍କା ଦେଇଥିଲା। ଫଳରେ ସେ ରାସ୍ତାରେ ଛିଟିକି ପଡ଼ି ଗୁରୁତର ହୋଇଥିଲେ। ଖବର ପାଇ ଢେଙ୍କିକୋଟ ପୋଲିସ ବିଟ ହାଉସ ଅଧିକାରୀ ତ୍ରିନାଥ ନାୟକ ପହଞ୍ଚି ତାଙ୍କୁ ଘଟଗାଁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବାରୁ ଡାକ୍ତର ତାଙ୍କୁ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ଟ୍ରକଟିକୁ ଅଟକ ରଖି ତଦନ୍ତ କରୁଛି।

## ରାଜ୍ୟସ୍ତରୀୟ ଏମ୍‌ଏସ୍‌ଏସ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



ଉଦ୍‌ଘାଟନୀ ଉତ୍ସବରେ ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳିମାନେ।

କାମାକ୍ଷାନଗର,୧୭।୨(ଅମ୍‌ଜାଦ୍ ଖାନ୍)

ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକ ଆଦିବାସୀ ଅଧ୍ୟୁଷିତ ମରୁଆବିଲି ପଞ୍ଚାୟତ ଖରଖରୀ ଗ୍ରାମ ଖେଳ ପଡିଆଠାରେ ମାରାଙ୍ଗବୁରୁ ସାଗେନ ସାରନା (ଏମ୍‌ଏସ୍‌ଏସ୍) ଫୁଟବଲ କ୍ଲବ ଆନୁକୂଲ୍ୟରେ ରାଜ୍ୟ ସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପରଜଙ୍ଗ ନିର୍ବାଚନ ମଣ୍ଡଳୀର ବିଜେଡି ନେତା ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ କାର୍ତ୍ତିକ ସାହୁ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜୟନ୍ତ ମହାନ୍ତ, ଆକାଶ ମହାନ୍ତ, ଭୀମସେନ ସାହୁ ଯୋଗ ଦେଇଥିଲେ। ଉଦ୍‌ଘାଟନୀ ମ୍ୟାଚ୍ ଯାଜପୁର ଜିଲା ସୁକିନ୍ଦାର ମହାବୀର ଆଣ୍ଡ ମହାବୀର ଓ କାଳରଙ୍ଗି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମହାବୀର ଆଣ୍ଡ ମହାବୀର ୧-୦ ଗୋଲରେ ବିଜୟୀ ହୋଇଥିଲା। ରାଣୀ ଦାସ ରେଫରୀ ଦାୟିତ୍ୱ ତୁଲାଇଥିବାବେଳେ ରଞ୍ଜନ କୁମାର ମାରାଣ୍ଡି ଓ ବିଟୁ ଟୁଡୁ ଧାରା ବିବରଣୀ ପ୍ରଦାନ କରିଥିଲେ। କ୍ଲବ ସଭାପତି ହରିସ ସୋରେନ, ସମ୍ପାଦକ ଗୁରୁ ଚରଣ କିଶାନ ଏବଂ କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ମା'ମାନଙ୍କ ପାଇଁ ସଂସ୍କୃତି ବଞ୍ଚିଛି

ଆଠମଲ୍ଲିକ,୧୭।୨(ଉଦିପ୍ତ ପୁରୋହିତ)

ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଶନିବାର ୨୦ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଯାଇଛି। ସମ୍ପାଦକ ଧ୍ରୁବଚରଣ ବଡମାଳି ଅତିଥି ପରିଚୟ ଦେଇଥିଲେ। ସ୍କୁଲ ପରିଚାଳନା କମିଟି ସଭାପତି ଆଦିତ୍ୟ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ, ମୁଖ୍ୟ ବକ୍ତା ଭାବେ ଶିକ୍ଷାବିତ ହେମନ୍ତ କୁମାର ଧର, ସମ୍ମାନିତ ଅତିଥି ଭାବେ ସୁଧୀର କୁମାର ମିଶ୍ର ଯୋଗଦେଇ ମା'ମାନଙ୍କ ପାଇଁ ଭାରତ ବର୍ଷରେ ଭାରତୀୟ ସଂସ୍କୃତି ବଞ୍ଚି ରହିଥିବା ଅତିଥିମାନେ ମତପ୍ରକାଶ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ରୁଦ୍ରମୋହନ ହୋତା ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟ ଅତିଥି ବିଧାୟକ ସାଏ ତାଙ୍କର ବିଧାୟକ ପାଣ୍ଠିରୁ ଶିଶୁବିଦ୍ୟା ମନ୍ଦିରର ଉନ୍ନତି ପାଇଁ କିଛି ପାଣ୍ଠି ଯୋଗାଇ ଦେବେ ବୋଲି ଘୋଷଣା କରିଥିଲେ। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଗୁରୁଜୀ ରବିନାରାୟଣ ଥାଟି, ବିପିନ ମିଶ୍ର, ଲାନିଆ ମହାପାତ୍ରଙ୍କ ସମେତ ସମସ୍ତ ଗୁରୁଜୀ ଗୁରୁମା ସହଯୋଗ କରିଥିଲେ।




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

## ଭୁବନରେ ଭାଲୁ ଆତଙ୍କ

ଭୁବନ,୧୭।୨ ( ବିପିନ ବିହାରୀ ସେଠୀ)



ଢେଙ୍କାନାଳ ଜିଲା ଭୁବନ ନୂଆ ବଜାର ନିକଟସ୍ଥ ପୂର୍ତ୍ତ ବିଭାଗ ଡାକବଙ୍ଗଳାରେ ଶୁକ୍ରବାର ରାତିରେ ଏକ ଭାଲୁ ବୁଲୁଥିବା ଦେଖିବାକୁ ମିଳିଥିଲା। ଫଳରେ ସ୍ଥାନୀୟ ଲୋକେ ଭାଲୁକୁ ଦେଖି ଭୟଭୀତ ହୋଇ ପଡ଼ିଥିଲେ। ସ୍ଥାନୀୟ ଲୋକଙ୍କଠାରୁ ଭୁବନ ବନବିଭାଗ ସୂଚନା ପାଇ ଘଟଣାସ୍ଥଳରେ ପହଞ୍ଚିଲା ବେଳେକୁ ଭାଲୁଟି ପଳାଇ ଯାଇଥିଲା। ଏଥିପ୍ରତି ବନବିଭାଗ ଗୁରୁତ୍ୱ ଦେବାକୁ ସାଧାରଣରେ ଦାବି ହୋଇଛି।

# କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉପରେ ଗର୍ଜିଲା କଂଗ୍ରେସ

କାମାକ୍ଷାନଗର,୧୭।୨(ଅମ୍‌ଜାଦ୍ ଖାନ୍)

ଢେଙ୍କାନାଳ ଜିଲା କାମାକ୍ଷାନଗରରେ ବିଦ୍ୟାଳୟ ମଧ୍ୟାହ୍ନ ଭୋଜନ ପାଚିକା ସହାୟିକାମାନଙ୍କ ୧୦ ଦଫା ଦାବି ନେଇ ରଣହୁଙ୍କାର ଦେଇଛି କଂଗ୍ରେସ। ନୂତନ ଭାବେ ଦାୟିତ୍ୱ ନେଇଥିବା ଜିଲା ସଭାପତି ସୁନିଲ ଦାସଙ୍କ ନେତୃତ୍ୱରେ ସ୍ଥାନୀୟ ହନୁମାନ ବଜାର ଛକଠାରୁ ପ୍ରାୟ ୫୦୦ରୁ ଊର୍ଦ୍ଧ୍ୱ ପାଚିକା ସହାୟିକା ଏକ ବିରାଟ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରି ଉପଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ। ଏହି ଅବସରରେ ଆୟୋଜିତ ସଭାରେ ରାଜ୍ୟ ଅନୁସୂଚିତ ଜାତି-ଜନଜାତି ପ୍ରକୋଷ୍ଠ ଅଧ୍ୟକ୍ଷ ବାଙ୍କନିଧି ବେହେରା, ଭାରତୀୟ ଜାତୀୟ ଟ୍ରେଡ଼ ୟୁନିଅନ (ଆଇଏନଟିୟୁସି) ଜିଲା ଅଧ୍ୟକ୍ଷ ଦିଗମ୍ବର ଗଡ଼ନାୟକ, ଏଆଇସିସି ସଦସ୍ୟ ସସ୍ମିତା ବେହେରା, ଜିଲା କୃଷକ ମୋର୍ଚ୍ଚା ସଭାପତି ବିପ୍ରବର ସାହୁ, ଜିଲା ମହିଳା କଂଗ୍ରେସ ସଭାପତି ସ୍ମିତାରାଣୀ ସାମଲ, ଅବନ୍ତୀ ପ୍ରଧାନ ପ୍ରମୁଖ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ଉପରେ ଗର୍ଜି ଥିଲେ। ପରେ ୧୦ ଦଫା ଦାବି ସମ୍ବଳିତ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଉପଜିଲାପାଳଙ୍କୁ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପ୍ରଭୁଦତ୍ତ ଭଞ୍ଜ, ସନ୍ତୋଷ ମହାରଣା, କାମାକ୍ଷା ପ୍ରସାଦ ପଣ୍ଡା, ଦୁଃଶାସନ ବେହେରା ପ୍ରମୁଖ ଯୋଗ ଦେଇଥିଲେ।



କଂଗ୍ରେସ କର୍ମୀ ଓ ପାଚିକା ସହାୟିକାମାନେ ଶୋଭାଯାତ୍ରାରେ ସହର ପରିକ୍ରମା କରୁଛନ୍ତି।

# ୨୪ ମେଧାବୀ ଛାତ୍ରୀଛାତ୍ରଙ୍କୁ ଜ୍ୟୋତି ଫେଲୋଶିପ୍

**ଟାଟାଷ୍ଟିଲ ଫାଉଣ୍ଡେଶନ ପକ୍ଷରୁ ଅରୁଣିମା-୨୦୨୪**

ଢେଙ୍କାନାଳ,୧୭।୨(ରତନ ନାୟାର)




ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ସରପା-ରଘୁନାଥପୁର ଗ୍ରାମରେ ଶନିବାର ଟାଟାଷ୍ଟିଲର କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ ଶାଖା ଟାଟାଷ୍ଟିଲ ଫାଉଣ୍ଡେଶନ ଉଦ୍ୟମରେ ଅରୁଣିମା-୨୦୨୪ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଏହି କାର୍ଯ୍ୟକ୍ରମ ଟାଟାଷ୍ଟିଲ ମେରାମଣ୍ଡଳୀ ପ୍ଲାଣ୍ଟର ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ଲୋକଙ୍କ ପାଇଁ ଏକ ସମନ୍ୱିତ ପ୍ଲାଟଫର୍ମ । ଦୁଇଦିନ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ଅସାଧାରଣ ମହିଳା ନେତ୍ରୀ ଓ ଉଦ୍ୟୋଗୀଙ୍କୁ ସମ୍ମାନିତ କରିବା, ଅନୁସୂଚିତ ଜାତି ଓ ଜନଜାତି ମେଧାବୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରିବା ଏବଂ ଯୁବକ, ମହିଳା ଓ ବିଭିନ୍ନ ଗୋଷ୍ଠୀ ସହ ଜ୍ଞାନର ଆଦାନ ପ୍ରଦାନ ଭଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗ୍ରାମୀଣ ସ୍ୱେଚ୍ଛାସେବୀ ଏବଂ ଯୁବ ନେତୃତ୍ୱ, ଜୀବନ ଦକ୍ଷତା ଶିକ୍ଷା, ଉଦ୍ୟୋଗ ପ୍ରୋତ୍ସାହନର ସୁଯୋଗ, କ୍ରେଡିଟ୍ ଲିଙ୍କେଜ୍, ବିଭିନ୍ନ ପ୍ରକାର ପ୍ରଚାର ଓ ପ୍ରସାର ଉପରେ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମର ପ୍ରଥମ ଦିନରେ ଟିଏସ୍‌ଏଫ୍ ପକ୍ଷରୁ ଟିଏସ୍‌ଏମ୍ ପାରିପାର୍ଶ୍ୱିକ ଗ୍ରାମର ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ଅନୁସୂଚିତ ଜାତି, ଜନଜାତି ପରିବାରର ୨୪ଜଣ ମେଧାବୀ ଛାତ୍ରୀଛାତ୍ରଙ୍କୁ ଜ୍ୟୋତି ଫେଲୋଶିପ୍ ପ୍ରଦାନ କରାଯାଇଛି। ଫେଲୋସିପ୍ ଅନୁଦାନ ବାବଦରେ ଛାତ୍ରୀଛାତ୍ରଙ୍କୁ ବାର୍ଷିକ ୬ହଜାର ଟଙ୍କା ପ୍ରଦାନ କରାଯାଇଛି। ସେହିପରି ଟିଏସ୍‌ଏଫ୍ ଦ୍ୱାରା ପ୍ରଶିକ୍ଷଣ ଓ ପରାମର୍ଶପ୍ରାପ୍ତ ୫୦ଜଣ ଜାତୀୟ ଓ ରାଜ୍ୟସ୍ତରୀୟ ଭଲିବଲ ଖେଳାଳି, ୧୨ଜଣ ସଫଳ ମହିଳା ନେତ୍ରୀ ଓ ଉଦ୍ୟୋଗୀ ଏବଂ ୯ଜଣ କିଶୋର ଓ ଯୁବ ପରିବର୍ତ୍ତନକାରୀଙ୍କୁ ସମାଜପ୍ରତି ଅବଦାନ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଦ୍ୱିତୀୟ ଦିବସରେ ବିଶିଷ୍ଟ ମହିଳାଙ୍କ ପ୍ରେରଣାଦାୟୀ ଭାଷଣ ଏବଂ ସେମାନଙ୍କ ପ୍ରଭାବଶାଳୀ ଅବଦାନକୁ ସ୍ୱୀକୃତି ଦେବା ସହିତ ଭବିଷ୍ୟତର ନେତୃବୃନ୍ଦଙ୍କୁ ସଶକ୍ତ କରିବା ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଥିଲା। ଢେଙ୍କାନାଳ ଅତିରିକ୍ତ ଜିଲାପାଳ ଲଳିତ ମୋହନ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହିଳା ଓ ଯୁବତୀମାନଙ୍କୁ ସମ୍ବୋଧିତ କରିବା ସହ ଜୀବନରେ ଉନ୍ନତି ଆଣିବା ପାଇଁ ଉତ୍ସାହିତ କରିଥିଲେ। ଏହି ଅବସରରେ ଟାଟାଷ୍ଟିଲ ଫାଉଣ୍ଡେଶନର ଓଡିଶା ସିଏସ୍‌ଆର ମୁଖ୍ୟ ଡ. ଅମ୍ବିକା ପ୍ରସାଦ ନନ୍ଦ କହିଥିଲେ, ଟିଏସ୍‌ଏମ୍‌ରେ ଅରୁଣିମାର ପ୍ରଥମ ସଂସ୍କରଣ ଆରମ୍ଭ କରିଛି। ଭବିଷ୍ୟତରେ ମଧ୍ୟ ଏହି ଅଭିଯାନ ଜାରି ରଖିବୁ। ସରକାରୀ ଯୋଜନା ଜରିଆରେ ସଂସ୍ଥାର ପ୍ରସାରର ସୁଯୋଗ ଓ ମହିଳା ସଶକ୍ତିକରଣ ଏବଂ ଉଦ୍ୟମିତା ଉପରେ ଆୟୋଜିତ କାର୍ଯ୍ୟକ୍ରମରେ ମିଶନ ଶକ୍ତି ଡିପିସି ସେଫାଳି ସ୍ୱାଗତିକା, ବରଗଡର ଜାତୀୟ ପୁରସ୍କାରପ୍ରାପ୍ତ ଛତୁଚାଷୀ ଜୟନ୍ତୀ ପ୍ରଧାନ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଟିଏସ୍‌ଏଫ୍‌ର ଅଧିକାରୀ, ଯୁବତୀ ଯୁବକ, ମହିଳା, ଛାତ୍ରୀଛାତ୍ର ଓ ଆଖପାଖ ଗ୍ରାମର ଗ୍ରାମବାସୀ ଉପସ୍ଥିତ ଥିଲେ।

